# Akashvani, Sambalpur

## SAMBALPURI NEWS BULLETIN

### 3 November 2024- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ବଲାଙ୍ଗିର୍ ଦିନ୍ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବଲାଙ୍ଗିର୍‌କେ ପଶ୍ଚିମ ଓଡ଼ିଶାର୍ ପ୍ରାଣକେନ୍ଦ୍ର ବଲି କହେବାର୍ ସଙ୍ଗେ ଭାଷା, ସାହିତ୍ୟ, ରାଜନୀତି ଆର୍ ସଂସ୍କୃତି କ୍ଷେତ୍ର ନ ବଲାଙ୍ଗିରର୍ ଅବଦାନ୍ ଅତୁଳନୀୟ ବଲି କହିଛନ୍ । ଗଲାକାଏଲ୍ ବଲାଙ୍ଗିର୍ ଦିନ୍ ଅବ୍‌ସରେ କୋଶଲ୍ କଳାମଣ୍ଡପ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ବଲାଙ୍ଗିରେ ଟ୍ରିପଲ୍ ଇଞ୍ଜିନ୍ ସର୍‌କାର୍ ଚାଲିଛେ । କେନ୍ଦ୍ର, ରାଜ୍ୟ ସଙ୍ଗେ ଜନପ୍ରତିନିଧିମାନେ ଭିଲ୍ ସର୍‌କାର୍‌ର ଅଂଶ ହେଇଥିବାର୍‌ନୁ ବିକାଶ୍ ଧାରା ଟ୍ରିପଲ୍ ସ୍ପିଡ୍‌ଥି ଜାରି ରହେବା । ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ୍ ସିଂହଦେଓଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ତାଙ୍କର୍ ସର୍‌କାର୍ ଲୁକଙ୍କର୍ ଦୁଖ୍‌ସୁଖ୍ ବୁଝିକରି ସେ ସବୁର ନିରାକରଣ୍ ଲାଗି ଚେଷ୍ଟା କରୁଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂ ଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍

ମୁକେଶ୍ ମହାଲିଙ୍ଗ୍, ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଆର୍ ନିରଞ୍ଜନ୍ ବିଶି, ବିଧାୟକ୍ କଲିକେଶ୍ ନାରାୟଣ୍ ସିଂହଦେଓ, ଲକ୍ଷ୍ମଣ୍ ବାଗ ଆର୍ ନବୀନ୍ ଜୈନ୍ ଆଉ ଜିଲ୍ଲାପରିଷଦ୍ ସଭାପତି ଦେବକୀ ସାହୁ ଉପସ୍ଥିତ୍ ଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ୧୯୪୯ ମସିହା ନଭେମ୍ବର୍ ୧ ତାରିଖ୍ ଦିନ ବଲଙ୍ଗିର୍ ଜିଲ୍ଲା ଗଠିତ୍ ହେଇଥିଲା । ହେଥିର୍‌ଲାଗି ନଭେମ୍ବର୍ ୧ ତାରିଖ୍ ବଲାଙ୍ଗିର୍ ଦିନ୍ ପାଲନ୍ କରାଯାଏସି ।

ରାଜ୍ୟ ଧାନ୍ ଘିନା          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଇ ମାସୁ ମାର୍ଚ୍ଚ ମାସ୍‌ତକ୍ ଖରିଫ୍ ଧାନ୍ ଘିନାଯିବା ଆଉ କେନ୍ ଜିଲ୍ଲା ନ କେଭେ ଧାନ୍ ଘିନାଯିବା ସେ ବାବଦ୍ ନିଷ୍ପତି ନେବାର୍‌କେ ସେ ଜିଲ୍ଲାର୍ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଗଲାକାଏଲ୍ ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧକ୍ଷତାଥି ହେଇଥିବା ରାଜ୍ୟସ୍ତରୀୟ ଧାନ୍ ଘିନା କମିଟି ବୈଠକ୍‌ର ନିଷ୍ପତି ଅନ୍‌ସାରେ ଇ ବଛର୍ ରାଏଜେ ୭୯ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ସେ ଭିତ୍‌ରେ ଖାଲି ଖରିଫ୍ ଋତୁଥି ୬୫ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନାଯିବା । ଧାନ୍ ଘିନା ବେଲେ ଚାଷୀମାନ୍‌କୁ କ୍ୱିଂଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍‌ଏସ୍‌ପିର ୨୩ ଶହ ଟଙ୍କା ସଙ୍ଗେ

ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଇନ୍ପୁଟ୍ ସହାୟତା ବାବଦ୍ ୮ ଶହ ଟଙ୍କା ଦିଆଯିବା। ଧାନ୍ ଘିନାର୍ ୪୮ ଘଂଟା ଭିତ୍ରେ ଚାଷୀମାନ୍କର୍ ବେଙ୍କ୍ ଏକାଉଂଟ୍କେ ଟଙ୍କା ପୁହୁଁଚିଯିବା। ମୁଖ୍ୟମନ୍ତ୍ରୀ ଧାନ୍ଘିନାର ଠିକ୍ ପରିଚାଲନା ଉପ୍ରେ ଗୁରୁତ୍ୱ ଦେଉଥିବାର୍ ବେଲେ ଧାନ୍ ଘିନାଥି କେହେନି ରକ୍ମର୍ ଦୁର୍ନୀତି ଆର୍ ଅବ୍ୟବସ୍ଥାକେ ବର୍ଦାସ୍ତ ନାଇଁ କରାଯାଏ ବଲି ବୈଠକ୍ଥି ମୁଖ୍ୟ ଶାସନ୍ ସଚିବ ଶ୍ରୀ ଆହୁଜା କହିଛନ୍। ସେଆଡ଼େ ଖରିଫ୍ ଧାନ୍ ଘିନା ବେଲେ ଅସାଧୁ ବ୍ୟବସାୟୀମାନ୍କୁ ସାବାଡ଼୍ କର୍ବାର୍କେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗାଣ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍। ରାଜ୍ୟ ସାଧାରଣ ଯୋଗାଣ କାର୍ଯ୍ୟନିର୍ବାହୀ ଅଧିକାରୀମାନ୍କର୍ ବାର୍ଷିକ ସାଧାରଣ ସଭାଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପାତ୍ର ଧାନ୍ ଘିନା ବେଲେ ନିଷ୍ଠାର୍ ସଙ୍ଗେ କାମ୍ କର୍ବାର୍କେ ଅଧିକାରୀମାନ୍କୁ କହିଛନ୍।

ସୁଭଦ୍ରା          ଆର୍ଏନ୍ୟୁ /ସମ୍ବଲପୁର

ଇ ମାସର୍ ଶେଷ୍ତକ୍ ସୁଭଦ୍ରା ସହାୟତାର୍ ୩ ନମ୍ବର୍ ଖେପ୍ ପହେଲା କିସ୍ତି ଟଙ୍କା ୨୦ ଲାଖ୍ନୁ ଅଏତ୍କା ହିତାଧିକାରୀଙ୍କୁ

ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏବା ଡିସେମ୍ବର୍‌ତକ୍ ୧ କୋଟିନୁ ଅଏତ୍‌କା ମହିଲାଙ୍କୁ ସୁଭଦ୍ରା ସହାୟତା ଟଙ୍କା ଦିଆଯିବା ବଲି ସେ ସ୍ପଷ୍ଟ କରିଛନ୍ । ସେ ଆହୁରି କହିଛନ୍ ଯେ, ଖାରଜ୍ ହେଇଥିବା ୨ ଲାଖ୍ ୬୭ ହଜାର୍ ସୁଭଦ୍ରା ଯୋଜ୍‌ନା ଆବେଦନ୍‌କେ ଫେର୍‌ଘାଏ ପୁନର୍ବିଚାର୍ କରାଯିବା । କେବିନେଟ୍ ନିର୍ଦ୍ଦେଶାବଲୀଥି ସଂଶୋଧନ୍‌କେ ଅନୁମତି ଦେଲା ଉତ୍‌ରୁ । ପୁନର୍ବିଚାର୍ ପ୍ରକ୍ରିୟା ମୁଲ୍ ହେବା ବଲି ସେ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ- ଲଣ୍ଡନ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ପର୍ଯ୍ୟଟନ୍ କ୍ଷେତ୍ର ନ ନୂଆଁ ଅଧ୍ୟାୟ ମୁଲ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ୭ ଦିନିଆ ଲଣ୍ଡନ୍ ଗସ୍ତ ନ ଯାଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ଯେ ଆମର୍ ପାଖେ ୪ ଶହ ୮୦ କିଲୋମିଟର୍ ଲମ୍ବା ବେଲାଭୂମି ସଙ୍ଗେ ଜଙ୍ଗଲ୍, ଜଲପ୍ରପାତ, ଆଦିବାସୀ ପରମ୍ପରା ବାଗିର୍ କେତ୍‌ନିକେତେ ସମ୍ବଲ୍ ଅଛେ । ହେତାର୍ ପ୍ରଚାର୍ ପ୍ରସାର୍ ସଙ୍ଗେ ଭିତିଭୂମିର୍ ବିକାଶ୍ କଲେ ବିଦେଶୀ ପର୍ଯ୍ୟଟକଙ୍କର୍ ସଂଖ୍ୟା ବଢ଼୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଲଣ୍ଡନ୍ ନ ହେବାର୍‌କେ ଥିବାର୍ ଟୁରିଜିମ୍ ଓଡ଼ିଶୀ

ଷ୍ଟ୍ରେଙ୍ଗ୍‌ଦେନିଂ ଟାଇଜ୍ ୱିଥ୍ ଡାଇସ୍ପୋରା ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିଡର୍ସ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେବେ ।

କୃଷି ଯନ୍ତ୍ରପାତି ମେଳା          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ କୃଷି ଯାନ୍ତ୍ରିକିକରଣ୍ ଜରିଏ ଚାଷୀମାନ୍‌କର୍ ଆୟ ବଢ଼ାବାର୍‌କେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ହେବାର୍‌କେ ଯାଉଛେ । ଆଏବା ୪ ତାରିଖ୍ ଦିନ ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଢ଼ାଖୋଲ ଆର୍ ୬ ତାରିଖ୍ ଦିନ କଳାହାଣ୍ଡି ଜିଲ୍ଲାର୍ ଧରମ୍‌ଗଡ଼୍ ନ କୃଷି ଯନ୍ତ୍ରପାତି ମେଳା ହେବା । ସେନ୍ତା ଆଏବା ୧୨ ତାରିଖ୍ ଦିନ ଅନୁଗୁଲ୍ ଜିଲ୍ଲାର୍ ଆଠ୍‌ମଲ୍ଲିକ୍ ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଟିଟିଲାଗଡ଼୍, ଗଞ୍ଜାମ୍ ଜିଲ୍ଲାର୍ ଭଞ୍ଜନଗର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ କରଞ୍ଜିଆ ନ କୃଷି ଯନ୍ତ୍ରପାତି ମେଳା ହେବା । ଇ ମେଳାଥି ଭିନ୍ ଭିନ୍ କୃଷି ଯନ୍ତ୍ରପାତିର୍ ଲାଗି ସର୍‌କାରୀ ଆର୍ଥିକ୍ ସହାୟତା ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କରାଯିବାର୍ ସଙ୍ଗେ ଋଣର ବ୍ୟବସ୍ଥା ଆଉ ତତ୍କାଲ୍ ବୁକିଂ ବ୍ୟବସ୍ଥା ଭିଲ୍ ରହେବା ।

ପୂର୍ଣ୍ଣାଙ୍ଗ ବଛର୍‌କିଆ ବଜେଟ ପ୍ରସ୍ତାବ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସରକାରଙ୍କର ଅର୍ଥ ବିଭାଗ ତରଫରୁ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବର୍ଷକିଆ ବଜେଟ୍ ଲାଗି ସବୁ ବିଭାଗ ମାନଙ୍କ ଠାରୁ ପ୍ରସ୍ତାବ ମଗାଯାଇଛି । ଚାଷୀ, ମହିଳା, ସାମାଜିକ ନ୍ୟାୟ, ଶିକ୍ଷା ବ୍ୟବସ୍ଥା, ନାଗରିକ ସୁବିଧା, ଶିଳ୍ପ, କର୍ମନିଯୁକ୍ତି ଭଳି ୧୦ ଟି ବିଷୟକୁ ଫୋକସ୍ କରି ଆସନ୍ତା ଡିସେମ୍ବର ୨୦ ତାରିଖ ସୁଦ୍ଧା ବଜେଟ୍ ପ୍ରସ୍ତାବ ପଠାଇବାକୁ ସବୁ ବିଭାଗ ମାନଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖିଛନ୍ତି ।

ମେଟ୍ରିକ୍ ପରୀକ୍ଷା ଫର୍ମ ପୂରଣ ଆର୍ଏନ୍ଏ / ସମ୍ବଲପୁର

ମାଧ୍ୟମିକ ଶିକ୍ଷା ବୋର୍ଡ ତରଫରୁ ହେବାକୁ ଥିବା ୨୦୨୫ ଶିକ୍ଷା ବର୍ଷର ମେଟ୍ରିକ୍ ପରୀକ୍ଷା ଲାଗି ଫର୍ମ ପୂରଣ ଆଜିଠାରୁ ଆରମ୍ଭ ହେଉଛି । ରେଗୁଲାର ଓ ଏକ୍ସରେଗୁଲାର ଛାତ୍ରଛାତ୍ରୀମାନେ ୧୮ ତାରିଖ ସୁଦ୍ଧା ଅନଲାଇନରେ ଫର୍ମ ପୂରଣ କରିପାରିବେ । ଫର୍ମ ପୂରଣ ସମ୍ବନ୍ଧୀୟ ସବୁ ତଥ୍ୟ ବୋର୍ଡର ୱେବସାଇଟ୍ www.bseodisha.ac.in ରେ ମିଳୁଛି । ବୋର୍ଡ ତରଫରୁ ବାହାରିଥିବା ବିଜ୍ଞପ୍ତି ଅନୁସାରେ ପତ୍ର ବିନିମୟ

ପାଠ୍ୟକ୍ରମ୍‌ର ପରୀକ୍ଷାର୍ଥୀମାନ୍‌କର୍ ଲାଗି ବୋର୍ଡ୍‌ର ଆଂଚଲିକ୍ କାର୍ଯ୍ୟାଳୟ ନ ଅଫ୍‌ଲାଇନ୍ ଜରିଏ ଫର୍ମ ପୂରଣ୍‌ର ବ୍ୟବସ୍ଥା ରହିଛେ ।

କୁଇଲାଖଣି ଆର୍‌ଏନ୍‌ୟୁ / ସମ୍ବଲପୁର

ତାଲ୍‌ଚେର୍ କୁଇଲାଖଣି ଇଲାକା ନ ଜମି ଅଧିଗ୍ରହଣ୍ ଆର୍ କ୍ଷତିପୂରଣ୍ ବାବଦ୍ ମାମ୍‌ଲାର୍ ସମାଧାନ୍ ଲାଗି ଗୁଟେ ପୂର୍ଣ୍ଣକାଳୀନ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ଗଢ଼୍‌ବାର୍‌କେ କେନ୍ଦ୍ର ସର୍‌କାର୍ ନିଷ୍ପତି ନେଇଛନ୍ । ପ୍ରିଜାଇଡିଂ ଅଫିସର୍‌ଙ୍କର୍ ନିଯୁକ୍ତି ଉତ୍‌ରୁ ଇ ଟ୍ରିବ୍ୟୁନାଲ୍ କାମ୍ କର୍‌ବା ବଲି କେନ୍ଦ୍ର ସର୍‌କାର୍‌ଙ୍କର୍ ଜାରି ଗେଜେଟ୍ ବିଜ୍ଞପ୍ତିଥି କୁହାଯାଇଛେ ।